# ଗୋସଂପଦର ବିକାଶ ପାଇଁ
# ଘାସ ଚାଷ




ବିଷୟବସ୍ତୁ
ଶ୍ରୀମତୀ ନମିତା ମହାପାତ୍ର, ଶ୍ରୀ ପ୍ରଭଞ୍ଜନ ମିଶ୍ର
ସଂପାଦନା
ଡ. ସୂର୍ଯ୍ୟନାରାୟଣ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

भाकृअनुप
ICAR

# ଗୋ ସଂପଦର ବିକାଶ ପାଇଁ ଘାସ ଚାଷ

କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ୭୦ରୁ ୮୦ ଭାଗ ଲୋକ କୃଷି କରି ଜୀବିକା ନିର୍ବାହ କରିଥାନ୍ତି । ତନ୍ମଧ୍ୟରୁ ଗୋପାଳନ ଅନ୍ୟତମ । ମାତ୍ର ଦେଶୀ ଗାଈରୁ ଆଶାନୁପାତିକ ଲାଭ ମିଳେନାହିଁ । ତେଣୁ ଗୋପାଳନକୁ ବ୍ୟବସାୟିକ ଭିତ୍ତିରେ କରିବା ସହିତ ଘାଷ ଚାଷ ଉପରେ ଧ୍ୟାନଦେବା ଦରକାର । ଗୋ-ପାଳନ ପାଇଁ ହେଉଥିବା ମୋଟ ଖର୍ଚ୍ଚର ଶତକଡ଼ା ୬୦ ରୁ ୬୫ ଭାଗ ଖାଦ୍ୟରେ ଖର୍ଚ୍ଚ ହୋଇଥାଏ । ଗୋରୁ ଗାଈଙ୍କ ମୁଖ୍ୟ ଖାଦ୍ୟ ହେଲା ସବୁଜ ଖାଦ୍ୟ । ଭଲ ସବୁଜ ଖାଦ୍ୟ ଖାଇଲେ ଗାଈ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରହେ ଓ ଦୁହାଁଳିଆ ଗାଇ ବେଶୀ କ୍ଷୀର ଦିଏ । ଗବେଷଣାରୁ ଜଣାଯାଇଛି ଯେ ଗୋଟିଏ ଗାଈ ଦିନକୁ ୩୫ ରୁ ୪୦ କିଲୋ ସୁଷମ ସବୁଜ ଖାଦ୍ୟ ଖାଇଲେ ବିନା ଦାନାରେ ୫ ଲିଟର କ୍ଷୀର ଦେଇ ପାରିବ । ଏକ ଏକରର ଚାରି ଭାଗରୁ ଭାଗେ ଜମିର ଅର୍ଦ୍ଧେକରେ ସବୁଦିନିଆ ଓ ଅନ୍ୟ ଅର୍ଦ୍ଧେକରେ ଋତୁ କାଳୀନ ଗୋଖାଦ୍ୟ ଫସଲ ଚାଷ କଲେ, ଗୋଟିଏ ଗାଈ ପାଇଁ ବର୍ଷ ସାରା ଦୈନିକ ୩୫ ରୁ ୪୦ କି.ଗ୍ରା. ସବୁଜ ଗୋଖାଦ୍ୟ ମିଳିପାରିବ । ଆମ ରାଜ୍ୟରେ କୃତ୍ରିମ ପ୍ରଜନନ ଓ ସଙ୍କର ଜର୍ସୀ ଗାଈ ପାଳନ ପ୍ରତି ଲୋକଙ୍କର ଆଗ୍ରହ ବଢିଗଲାଣି । ଗୋଟିଏ ସଙ୍କର ଜର୍ସୀ ଗାଇ ଦିନକୁ ଅତି କମ୍‌ରେ ୭/୮ ଲିଟର ଦେଉଥିବାରୁ, ଅନେକ ଚାଷୀ ଗୋପାଳନକୁ ମୁଖ୍ୟ ଧନ୍ଦା ରୂପେ ଗ୍ରହଣ କଲେଣି । ମାତ୍ର ଦାନା କିଣି ଗୋରୁକୁ ଖାଇବାକୁ ଦେବା ଓ ଦାନାର ଦର ଅତ୍ୟଧିକ ଭାବେ ବୃଦ୍ଧି ପାଉଥିବାରୁ ଗୋପାଳନରୁ ଯେତିକି ଲାଭ ପାଇବା କଥା ସେତିକି ମିଳେନାହିଁ । ତେଣୁ ଘାସ ଚାଷର ପ୍ରସାର ବର୍ତ୍ତମାନ ଏକାନ୍ତ ଆବଶ୍ୟକ ହୋଇଅଛି ।

## ସଙ୍କର ନାପିୟର (ବାଜରା)

ସଙ୍କର ନାପିୟର (ବାଜରା) ଆମ ରାଜ୍ୟର ସବୁ ଅଞ୍ଚଳ ପାଇଁ ଉପଯୁକ୍ତ । ଏଥିରେ ୮.୨% ପୁଷ୍ଟିସାର ଓ ୩୪% ତନ୍ତୁ ରହିଥାଏ । ଏହି ଫସଲ ଥରେ ଲଗାଇଲେ ଅତି କମ୍‌ରେ ୩ ବର୍ଷ ଧରି ଅମଳ ଦିଏ । ୩ ବର୍ଷ ପରେ ବୁଦାର ତିନି ଚତୁର୍ଥାଂଶ ବାହାର କରିଦେଇ ଏକ ଚତୁର୍ଥାଂଶ ରଖିଲେ ଓ କୋଡା ଖୁସା କରି ସାର ପ୍ରୟୋଗ କଲେ ଭଲ ଫଳ ଦିଏ । ଏହି ଫସଲ ଚାଷ ପାଇଁ ଦୋରସା ବା ବାଲିଆ ଦୋରସା ମାଟି ଉପଯୁକ୍ତ । ପାଣି ଜମି ରହୁଥିବା ଜମିରେ ଏହି ଚାଷ କରିବା ଅନୁଚିତ । ଚାଷ ଜମି ଛଡା, ଏହାକୁ ମଧ୍ୟ ବିଲ ହୁଡାର ଦୁଇ ପାର୍ଶ୍ୱରେ, ଖତ ଗଦାର ଚାରି ପାର୍ଶ୍ୱରେ ଓ ଗୁହାଳ ଘରୁ ବାହାରିଥିବା ମୂତ୍ରନାଳୀର ଚାରିପଟେ ଲଗାଯାଇ ପାରିବ । ଏହା ଦ୍ୱାରା ଖାଲି ରହୁଥିବା ସ୍ଥାନର ସୁବିନିଯୋଗ ହୋଇପାରିବା ସହ ଗୋଖାଦ୍ୟ ମଧ୍ୟ ମିଳିପାରିବ ।

ଏକକ ଫସଲ ପାଇଁ ଧାଡ଼ିକୁ ଧାଡ଼ି ୫୦ ସେ.ମି. ଓ ବୁଦାକୁ ବୁଦା ୫୦ ସେ.ମି. ବ୍ୟବଧାନରେ ଖଣ୍ଡ ବା ମୂଳକୁ ଲଗାଇବା ଉଚିତ୍ । ଅନ୍ତଃ ଫସଲ କରିବାକୁ ଥିଲେ ଧାଡ଼ିକୁ ଧାଡ଼ି ବ୍ୟବଧାନ୧୦୦ ସେ.ମି. ବ୍ୟବଧାନ ରଖନ୍ତୁ । ଏହି ଫସଲ ଚାଷ ପାଇଁ ଏକର ପ୍ରତି ୩୨ କି.ଗ୍ରା. ଯବକ୍ଷାରଜାନ୍, ୧୬ କି.ଗ୍ରା. ଫସ୍‌ଫରସ ଓ ୧୬ କି.ଗ୍ରା. ପଟାସ୍ ସାର ଆବଶ୍ୟକ ହୋଇଥାଏ ।

କାଣ୍ଡ ବା ମୂଳି ଖଣ୍ଡ ଲଗାଇବାର ୬୫ ଦିନରେ ପ୍ରଥମ କାଟ ନିଅନ୍ତୁ । ଏହାପରେ ପ୍ରତି ୩୦ ରୁ ୩୫ ଦିନରେ ଫସଲ ଅମଳ କରନ୍ତୁ । ପ୍ରତି କାଟପରେ ବୁଦା ମୂଳରୁ ଅନା ବନା ଘାସ ସଫା କରି ଆବଶ୍ୟକ ଯବକ୍ଷାରଜାନ ସାର ପ୍ରୟୋଗକରି ମୂଳକୁ ମାଟି ଟେକି ଦିଅନ୍ତୁ । ବର୍ଷକୁ ସର୍ବନିମ୍ନ ୬ ରୁ ୭ ଥର କାଟି ନିଅନ୍ତୁ । ଏହି ଫସଲକୁ ଏକର ପିଛା ବର୍ଷକୁ ହାରାହାରି ୮୦୦-୧୦୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଅମଳ ହୁଏ ।

**ମକା :** ଏହା ଅଧିକ ସୁସ୍ୱାଦୁ ଓ ପୁଷ୍ଟିକର ଗୋଖାଦ୍ୟ ଫସଲ । ମକା ଫସଲକୁ ଯେ କୌଣସି ଅବସ୍ଥାରେ ଅମଳ କରି ଗାଈଗୋରୁ ମାନଙ୍କୁ ଖାଇବାକୁ ଦିଆଯାଇ ପାରେ । ଏହା ଛଡା ମକାରୁ ମଧ୍ୟ ଉନ୍ନତ ମାନର ଘାସ ଆଚାର ବା ସାଇଲେକ୍ ପ୍ରସ୍ତୁତ କରାଯାଇ ପାରେ । ଶୁଷ୍କ ଏବଂ ମଧ୍ୟମ ଧରଣର ଋତୁ ଜଳବାୟୁରେ ମକା ଫସଲ ଭଲ ଅମଳ ହୁଏ । ବର୍ଷର ପ୍ରାୟ ସବୁ ସମୟରେ ଚାଷ କରାଯାଇପାରେ । ମାତ୍ର ଅତ୍ୟଧିକ ବର୍ଷା ବା ଅଧିକ ଗରମ ଏହି ଫସଲ ପାଇଁ କ୍ଷତିକାରକ ଅଟେ । ନିଗିଡା ଦୋରସା, ପଟୁ ଓ ନାଳିମାଟିରେ ଏହି ଫସଲ ଭଲ ହୁଏ । କିନ୍ତୁ ଏହା ଲୁଣି ଓ ସନ୍ତସନ୍ତିଆ ଜମିରେ ଭଲ ହୁଏ ନାହିଁ । ଅଳ୍ପ ଅମ୍ଳରୁ ଅଳ୍ପ କ୍ଷାରୀୟଯୁକ୍ତ (ପି.ଏଚ୍- ୫.୫ରୁ ୭) ମାଟିରେ ଏହା ଚାଷ କରାଯାଇ ପାରିବ । ବର୍ଷାଦିନେ ଜୁନ୍ ମାସ ପ୍ରଥମ ସପ୍ତାହରୁ ଶେଷ ସପ୍ତାହ ମଧ୍ୟରେ ଲଗାଇବା ଉଚିତ୍ । ଏକ ଏକର ଜମି ପାଇଁ ୨୦ କେ.ଜି. ବିହନ ଦରକାର ପଡ଼ିଥାଏ । ଏକ ଏକର ଜମିପାଇଁ ୩୨ କେ.ଜି. ଯବକ୍ଷାରଜାନ୍, ୨୪ କେଜି ଫସଫରସ୍ ଓ ୨୪ କେଜି. ପଟାସ୍ ସହିତ ୧୦ ଗାଡି ଖତ ଦରକାର ହୁଏ । ବିହନ ବୁଣିବା ସମୟରେ ସବୁତକ ଫସଫରସ୍, ପଟାସ୍ ଓ ଅଧା ଯବକ୍ଷାରଜାନ ଦେଇ ଆଉ ଅଧା ଯବକ୍ଷାରଜାନକୁ ଦୁଇଥର ସମାନ ମାତ୍ରାରେ ଗଛ ଉଠିବାର ୨୦ ଦିନ ପରେ ଓ ୪୦ ଦିନ ପରେ ପ୍ରୟୋଗ କଲେ ଏକର ପିଛା ହାରାହାରି ୧୫୦-୧୭୫ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ମିଳିଥାଏ ।

**ସରଗମ୍ :** ଏହା ଅତ୍ୟନ୍ତ ସୁସ୍ୱାଦୁ, କଅଁଳିଆ ଓ ଶୀଘ୍ର ବଢିପାରେ । ବିଭିନ୍ନ ଜଳବାୟୁରେ ଚାଷ କରାଯାଇ ପାରେ । ଏହି ଫସଲ ଖରା, ବର୍ଷା ଓ ଶୀତ ଦିନେ ଭଲ ହୋଇଥାଏ । ବିହନ ଉତ୍ପାଦନ ପାଇଁ ବର୍ଷାଦିନରେ ଚାଷ କରିବା ଅନୁକୂଳ ଅଟେ । ନିଗିଡା ଦୋରସା ମଟାଳ ମାଟିରେ ଏହା ଭଲ ହୁଏ । ସନ୍ତନ୍ତିଆ ଜମିରେ ସରଗମ୍ ଚାଷ କରିବା ଉଚିତ ନୁହେଁ । ଜୁନ୍ ମାସ ଦ୍ୱିତୀୟ ସପ୍ତାହରୁ ଜୁଲାଇ ମାସ ବୁଣାଯାଇ ପାରିବ । ଏକ ଏକର ଜମି ପାଇଁ ପ୍ରାୟ ୧୦ କେ.ଜି. ବିହନ ଦରକାର ହୁଏ । ଏକ ଏକର ଜମି ପାଇଁ ୫ ଗାଡି ଗୋବର ଖତ, ୩୨ କେ.ଜି. ଯବକ୍ଷାରଜାନ୍, ୨୦ କେ.ଜି. ଫସଫରସ୍ ଓ ୧୬ କେ.ଜି. ପଟାସ୍ ଦରକାର ହୁଏ । ବିହନ ବୁଣିବା ସମୟରେ ସବୁତକ ଫସ୍‌ଫରସ୍, ପଟାସ୍ ଓ ଅଧା ଯବକ୍ଷାରଜାନ୍ ସାର ଦିଅନ୍ତୁ । ବାକି ଅଧା ଯବକ୍ଷାରଜାନକୁ ଦୁଇ ଥର ସମାନ ମାତ୍ରାରେ ଗଛ ଉଠିବାର ୨୦ ଦିନ ପରେ ଓ ୪୦ ଦିନ ପରେ ପ୍ରୟୋଗ କରି ହୁଡା ଭଲଭାବେ ଟେକନ୍ତୁ । ଏକର ପିଛା ହାରାହାରି ୧୫୦ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ଅମଳ କରନ୍ତୁ ।

**ବରସିମ୍ ଘାସ:** ଏହା ରସାଳ, ସ୍ୱାଦୁଯୁକ୍ତ ଓ ଅଧିକ ପୁଷ୍ଟିକାରକ ହୋଇଥିବାରୁ ଦୁହାଁଳିଆ ଗାଇ ପାଇଁ ଏହା ଉପାଦେୟ ଖାଦ୍ୟ । ବାଲିଆ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ଜମିରେ ବରସିମ୍ ଚାଷ କରାଯାଏ । ଦୋରସା ଓ ନିଗିଡ଼ା ଏବଂ ଚୂନ ଓ ଫସଫସରସ ଭାଗ ବେଶୀ ଥିବା ଜମିରେ ଭଲ ବଢ଼େ । ଅକ୍ଟୋବର ଓ ନଭେମ୍ବର ମଧରେ ଏକର ପିଛା ୧୦ କି.ଗ୍ରା. ମଞ୍ଜି ବୁଣିବା ଦରକାର । ମଞ୍ଜି ବୁଣିବାର ୪/୫ ଦିନ ବ୍ୟବଧାନରେ ଏଥିରେ ପାଣି ମଡ଼ାଇବା ଉଚିତ୍ । ଗଛ ଉଠିଯିବା ପରେ ଏବଂ କଟା ଆରମ୍ଭ ହେବା ପରେ ୧୫ ଦିନରେ ଥରେ ପାଣି ମଡ଼ାଇଲେ ଚଳିବ । ପ୍ରଥମଥର ପାଇଁ ଜମିରେ ବରସିମ୍ ଚାଷ ହେଉଥିଲେ, ଏଥିରେ ଏକ ପ୍ରକାର ଜୀବାଣୁ ଛାଡ଼ିବାକୁ ହୁଏ । ଏହି ଜୀବାଣୁ ଭାରତୀୟ କୃଷି ଗବେଷଣାଗାରରେ ମିଳେ । ଅନ୍ୟଥା ବରସିମ୍ ଚାଷ କରାଯାଇଥିବା ଜମିର କିଛି ମାଟି ଆଣି ନୂତନ ଜମିରେ ଦେଲେ ମଧ ଏହି ଚାହିଦା ପୂରଣ ହୋଇଥାଏ ।ମଞ୍ଜି ବୁଣିବାର ୪୦ ଦିନପରେ ପ୍ରଥମ ଥର ପାଇଁ କଟାଯାଏ । ଡିସେମ୍ବର ଠାରୁ ମାର୍ଚ୍ଚ ମାସ ମଧରେ ୪/୫ ଥର କଟାଯାଏ । ଏକର ପିଛା ଅମଳ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ସବୁଜ ଗୋ-ଖାଦ୍ୟ ମିଳିଥାଏ ।

**ଓଟ୍ ବା ଯବଧାନ:** ଏହା ଶୀତଦିନେ ଚାଷ କରାଯାଏ । ଏହି ସବୁଜ ଗୋଖାଦ୍ୟ ନରମ, ସୁସ୍ୱାଦୁ ଓ ପଶୁମାନଙ୍କ ପାଇଁ ଏକ ପୌଷ୍ଟିକ ସବୁଜ ଗୋଖାଦ୍ୟ ଅଟେ । ଥଣ୍ଡା ଓ ଆର୍ଦ୍ର ଜଳବାୟୁ ଓଟ୍ ଫସଲ ପାଇଁ ଅତ୍ୟନ୍ତ ଉପଯୋଗୀ । ଅତିଶୟ ଥଣ୍ଡା ଏହି ଫସଲର ବୃଦ୍ଧିକୁ ରୋକିଥାଏ । ଉର୍ବର ନିଗିଡ଼ା ଦୋରସା ମାଟିରେ ଏହା ଭଲ ହୁଏ । ମାଟିର କ୍ଷାରୀୟ ଅମ୍ଳତା ହାର ୮.୫ ଠାରୁ ଅଧିକ ହେଲେ ଏହା ଚାଷ ପାଇଁ ଅନୁପଯୁକ୍ତ ଅଟେ । ଆକ୍ଟୋବରରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଓଟ୍ ମଞ୍ଜି ବୁଣାଯାଇପାରିବ । ଏକର ପିଛା ୪୦ କେ.ଜି. ବିହନ, ୮ଗାଡ଼ି ଖତ, ୩୨ କେ.ଜି ଯବକ୍ଷାରଜାନ, ୧୬ କେ.ଜି ପଟାସ ଦରକାର । ବିହନ ବୁଣିବା ବେଳେ ସବୁତକ ଫସ୍‌ଫରସ୍, ପଟାସ ଓ ଅଧା ଯବକ୍ଷାରଜାନ ଦେଇ ବଳକା ଯବକ୍ଷାରଜାନକୁ ଗଛ ଉଠିବାର ୨୫-୩୦ ଦିନ ପରେ ଦିଅନ୍ତୁ । ଏକର ପିଛା ହାରାହାରି ୧୭୫ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ଅମଳ ମିଳିଥାଏ ।

**ବରଗୁଡ଼ି:** ଗୋଖାଦ୍ୟ ଫସଲ ମଧ୍ୟରେ ବରଗୁଡ଼ି ପ୍ରଧାନ । ବୃଷ୍ଟି ଅଞ୍ଚଳ ପାଇଁ ଏହା ଏକ ଉପଯୁକ୍ତ ଫସଲ । ଏହା ଛଡ଼ା ବୃଷ୍ଟି ବହୁଳ ଅଞ୍ଚଳରେ ମୃତ୍ତିକା ସଂରକ୍ଷଣ ପାଇଁ ମଧ୍ୟ ଏହା ଚାଷ କରାଯାଇପାରିବ । ବରଗୁଡ଼ି ଗଛର ଚେରରେ ଥିବା ରାଇଜୋବିୟମ ଜୀବାଣୁ ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନ ସଂଗ୍ରହ କରି ଉଭୟ ମାଟିକୁ ଉର୍ବର କରେ ଓ ପରବର୍ତ୍ତୀ ଫସଲ ବୃଦ୍ଧିରେ ସାହାଯ୍ୟ କରେ । ଏଥି ପାଇଁ ବରଗୁଡ଼ି ଏକ ମୁଖ୍ୟ ଗୋଖାଦ୍ୟ ଫସଲ ଭାବରେ ପରିଚିତ । ନିଗିଡ଼ା ଉର୍ବର ଦୋରସା ମାଟିରେ ଭଲ ହୁଏ । ମଟାଳ ଦୋରସାରୁ ବାଲିଆ ଦୋରସା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କିସମ ମାଟିରେ ବରଗୁଡ଼ି ଚାଷ ହୋଇପାରେ । ଲୁଣି, କ୍ଷାରିଆ ଓ ପାଣି ଜମି ରହୁଥିବା ମାଟିରେ ଏହା ଭଲ ବଢ଼େନାହିଁ । ଶୀତ ଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ବରଗୁଡ଼ି ଚାଷ କରାଯାଇପାରେ । ବିହନ ଉତ୍ପାଦନ ପାଇଁ ବରଗୁଡ଼ି ଫସଲକୁ ସେପ୍ଟେମ୍ବରରୁ ଆକ୍ଟୋବର ମାସ ମଧ୍ୟରେ ଚାଷ କଲେ ଅଧିକ ଅମଳ ମିଳେ । ବରଗୁଡ଼ି ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଖୁବ୍ ଭଲ ବଢ଼ିଥାଏ । ଅସରିକିଆ ବର୍ଷା ସହିତ ଉଜ୍ଜଳ ସୂର୍ଯ୍ୟ କିରଣ ଏହି ଫସଲ ପାଇଁ ଅତ୍ୟନ୍ତ ଉପଯୋଗୀ । ଏକ ଏକର ଜମି ପାଇଁ ପ୍ରାୟ ୧୨-୧୫ କେ.ଜି ବିହନ ଦରକାର ହୁଏ । ଉନ୍ନତ କିସମ: ଏକ ଏକର ଜମିପାଇଁ ୮କେ.ଜି. ଯବକ୍ଷାରଜାନ, ୧୬ କେ.ଜି. ଫସଫରସ ଓ ୧୬ କେ.ଜି ପଟାସ ଦରକାର । ବିହନ ବୁଣିବା ସମୟରେ ସବୁତକ ସାର ପ୍ରୟୋଗ କରନ୍ତୁ । ମଞ୍ଜି ଲଗାଇବାର ୨୦ ଦିନ ପରେ ଘାସ ବାଛି, କୋଡ଼ା ଖୁସା କରି ହୁଡ଼ା ଟେକନ୍ତୁ । ଏକର ପିଛା ହାରାହାରି ୧୨୦ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ଅମଳ ମିଳିଥାଏ ।

**ଡଙ୍ଗରରାଣୀ:** ବଣ ପାହାଡ଼ ଭରା ଉଚ୍ଚାଜମି ବା ଡଙ୍ଗର ଜମିରେ ଆଦିବାସୀମାନେ ଏହାକୁ ଡାଲି ଜାତୀୟ ଫସଲ ଭାବରେ ଚାଷ କରନ୍ତି । ଏହାର ମରୁଡ଼ି ସହଣି ଶକ୍ତି ରହିଛି । ଡେରିରେ ଫୁଲ ଆସୁଥିବା କିସମଗୁଡ଼ିକ ଗୋଖାଦ୍ୟ ଫସଲ ଜାତୀୟ । ଏହି କିସମରେ ଆକ୍ଟୋବର ଓ ନଭେମ୍ବର ମାସରେ ଫୁଲ ଆସେ ଓ ଜାନୁୟାରୀ ମାସରେ ମଞ୍ଜି ଅମଳ ହୁଏ । ଡେରିରେ ଫୁଲ ହେଉଥିବା କିସମ ଗୁଡ଼ିକ ୮ଇଞ୍ଚ ବା ୨୦ ସେ.ମି. ଛାଡ଼ି କାଟି ଅମଳ କଲେ ଏକ ଏକର ଜମିରୁ ହାରାହାରି ୬୦ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ମିଳିଥାଏ । ନିଗିଡ଼ା ମଟାଳ ଦୋରସା ମାଟିରେ ଭଲ ହୁଏ ଓ ଅନୁର୍ବର ମାଟିରେ ମଧ୍ୟ ଭଲ ଅମଳ ହୁଏ । ଅଗଷ୍ଟରୁ ସେପ୍ଟେମ୍ବର ମାସରେ ଏହା ଲଗାଯାଇ ପାରିବ । ଏକ ଏକର ଜମି ପାଇଁ ୧୨ରୁ ୧୫କିଗ୍ରା ବିହନ ଆବଶ୍ୟକ ପଡ଼ିଥାଏ । ଏକରପିଛା ୮କେ.ଜି. ଜବକ୍ଷାରଜାନ, ୧୬କେ.ଜି. ଫସଫରସ ଓ ୧୬ କେ.ଜି. ପଟାସ ଦରକାର । ବିହନ ବୁଣିବା ସମୟରେ ସବୁତକ ସାର ପ୍ରୟୋଗ କରନ୍ତୁ । ମଞ୍ଜି ଲଗାଇବାର ୨୦ ଦିନ ପରେ ଘାସ ବାଛି, କୋଡ଼ା ଖୁସା କଲେ ଏକର ପିଛା ହାରାହାରି ୨୦୦ କ୍ୱିଣ୍ଟାଲ ସବୁଜ ଗୋଖାଦ୍ୟ ଅମଳ ମିଳିଥାଏ ।